ସୂଚନା ଓ ଲୋକ ସଂପର୍କ ବିଭାଗ
**Information & Public Relations Department**
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR (OD)/CS-GA-1422-09/03/21**






## ସମନ୍ବିତ  ଓ ତତ୍କ୍ଷଣାତ୍ କାର୍ଯ୍ୟାନୁଷ୍ଠାନ ମାଧମରେ ବନାଗ୍ନିର ନିୟନ୍ତ୍ରଣ ପାଇଁ

## ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ ।

### ୨୪ ଘଣ୍ଟିଆ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ

### ଜାଣିଶୁଣି ନିଆଁ ଲଗାଉଥିବା  ବ୍ୟକ୍ତିଙ୍କ  ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର, ୯/୩/୨୧

ଗତ ୪ ରୁ ୫ ମାସ ମଧ୍ୟରେ ବର୍ଷା ହୋଇନଥିବାରୁ ଚଳିତ ବର୍ଷ ରାଜ୍ୟର କେତେକ ସ୍ଥାନରେ ବନାଗ୍ନି ଦେଖାଦେଇଛି । ଏହାର ନିୟନ୍ତ୍ରଣ ଏବଂ ନିର୍ବାପନ ପାଇଁ ତତ୍‌କ୍ଷଣାତ୍ ସମନ୍ବିତଭାବେ କାର୍ଯ୍ୟ କରିବାକୁ ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ଆଜି ରାଜ୍ୟ ଲୋକସେବା ଭବନରୁ ଭିଡିଓ କନ୍‌ଫେରେନ୍‌ସିଂ ମାଧ୍ୟମରେ ବନାଗ୍ନି ପ୍ରଭାବିତ ଜିଲ୍ଲାର ଜିଲ୍ଲାପାଳ, ଏସ୍.ପି ଏବଂ ବନଖଣ୍ଡ ଅଧିକାରୀମାନଙ୍କ ସହ ବାସ୍ତବ ସ୍ଥିତି ଏବଂ ବନାଗ୍ନି ନିୟନ୍ତ୍ରଣ ପାଇଁ ଉଦ୍ଦିଷ୍ଟ ନିର୍ଦ୍ଧାରିତ କାର୍ଯ୍ୟ ଧାରା (ଏସ୍.ଓ.ପି.) ର କାର୍ଯ୍ୟାନ୍ବୟନ ସମୀକ୍ଷା କରି ଶ୍ରୀ ମହାପାତ୍ର ଏହି ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ଼଼ଃ ମୋନା ଶର୍ମା ବନାଗ୍ନି ପାଇଁ ଏସ୍.ଓ.ପି.ର କାର୍ଯ୍ୟାନ୍ବୟନ ସମ୍ବନ୍ଧିତ ଆର୍ଥିକ, ବୈଷୟିକ ଓ ପ୍ରଶାସନିକ ବ୍ୟବସ୍ଥା ବାବଦରେ ସବିଶେଷ ସୂଚନା ଦେଇଥିଲେ ।

ବନାଗ୍ନି ନିୟନ୍ତ୍ରଣ ଓ ନିର୍ବାପନରେ ଓଡ୍ରାଫ୍, ଅଗ୍ନିଶ୍ରମ ସେବା ସଂସ୍ଥା ୟୁନିଟ୍, ଜଙ୍ଗଲ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ମିଳିତଭାବେ ଯୁଦ୍ଧକାଳୀନ ଭିତ୍ତିରେ ୨୪ ଘଣ୍ଟିଆ କାମ ଜାରି ରଖିବାକୁ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ଏହି କାମରେ ବନ ସଂରକ୍ଷଣ ସମିତି, ପଂଚାୟତି ରାଜ ଅନୁଷ୍ଠାନ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମବାସୀ, ଇକୋ-କ୍ଲବ୍ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ସକ୍ରିୟଭାବେ ସାମିଲ କରିବା ପାଇଁ ଉନ୍ନୟନ କମିଶନର ଶ୍ରୀ ପ୍ରଦୀପ କୁମାର ଜେନା କହିଥିଲେ ।

ଜଙ୍ଗଲ ଅଂଚଳରେ ୨୪ ଘଣ୍ଟିଆ ପେଟ୍ରୋଲିଂ ଜାରି ରଖିବା ସହ ଅନ୍‌ଲାଇନ୍ ସତର୍କ ସୂଚନାର ପ୍ରୟୋଗ କରି ନିଆଁ ଏବଂ ଧୂଆଁ ଆଦି ସ୍ଥାନର ଚିହ୍ନଟ ସହ ତତ୍‌କ୍ଷଣାତ୍ ପଦକ୍ଷେପ ନିମନ୍ତେ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଗଠନ କରାଯାଇଥିବା ରାଜ୍ୟସ୍ତରୀୟ ଟାକ୍ସ୍ ଫୋର୍ସ ପ୍ରତିଦିନ ବନାଗ୍ନି ସ୍ଥିତିର ସମୀକ୍ଷା କରିବେ । ସେଥି ପାଇଁ ଜିଲ୍ଲା ଓ ବନଖଣ୍ଡ ସ୍ତରରେ ଅଧିକ ସ୍କ୍ବାର୍ଡ ଗଠନ କରି ସ୍ଥିତିର ନିୟନ୍ତ୍ରଣ ଓ ପରିଚାଳନା କରିବାକୁ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ନିଆଁ ଲିଭାଇବା ସହ ସମ୍ଭାବ୍ୟ ସମ୍ବେଦନଶୀଳ ସ୍ଥାନ ଗୁଡିକ ଉପରେ ସତର୍କ ଦୃଷ୍ଟି ରଖିବାକୁ ଉନ୍ନୟନ କମିଶନର ଶ୍ରୀ ଜେନା ପରାମର୍ଶ ଦେଇଥିଲେ ।

ଜଙ୍ଗଲ ନିରୀକ୍ଷଣ ବ୍ୟବସ୍ଥା ଏବଂ ପେଟ୍ରୋଲିଂ ଆଦି ମାଧ୍ୟମରେ ଶିକାର, ପୋଡୁଚାଷ, ବା ଅପରାଧି ମନୋଭାବରେ ଉଦ୍ଦେଶ୍ୟମୂଳକ ଭାବେ ନିଆଁ ଲଗାଉଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ ଦୃଢ଼ ଫୌଜଦାରୀ

କାର୍ଯ୍ୟାନୁଷ୍ଠାନ ନେବାକୁ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ବନାଗ୍ନି ନିରୋଧ ପାଇଁ ଚୁକ୍ତିଭିତ୍ତିରେ ନିୟୋଜିତ ହୋଇଥିବା ପ୍ରାୟ ୬୦୦୦ ଲୋକଙ୍କୁ ପୂର୍ଣ୍ଣମାତ୍ରାରେ କାର୍ଯ୍ୟରେ ଲଗାଇବା ପାଇଁ ମଧ୍ୟ ବନଖଣ୍ଡ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ବନାଗ୍ନି ନିୟନ୍ତ୍ରଣ ପାଇଁ ଅଧିକ ବୈଷୟିକ ଯନ୍ତ୍ରପାତି ଏବଂ ଅର୍ଥ ଯୋଗାଇ ଦିଆଯିବ ବୋଲି ମୁଖ୍ୟ ଶାସନ ସଚିବ ସ୍ପଷ୍ଟ କରିଥିଲେ । ଲକ୍ଷ୍ୟଭେଦୀ ସମନ୍ୱିତ କ୍ଷେତ୍ରସ୍ତରୀୟ କାର୍ଯ୍ୟ ମାଧ୍ୟମରେ ଏହାକୁ ପୂର୍ଣ୍ଣ ନିୟନ୍ତ୍ରଣାଧିନ କରିବାକୁ ଶ୍ରୀ ମହାପାତ୍ର କଡ଼ା ନିର୍ଦ୍ଦେଶ ଦେଇଥିଲେ ।

ଜଙ୍ଗଲରେ ନିଆଁ ଲଗାଇବା ଏକ ଦଣ୍ଡନୀୟ ଅପରାଧ ବୋଲି ମୁଖ୍ୟ ଶାସନ ସଚିବ କହିଥିଲେ । ଦୃଷ୍ଟ ପ୍ରକୃତିର ବ୍ୟକ୍ତିଙ୍କ ଉପରେ କଡ଼ା ନଜର ରଖିବା ଏବଂ ନିଆଁ ବା ଧୂଆଁର ତତ୍‌କ୍ଷଣାତ୍ ସୂଚନା ଦେବା ନିମନ୍ତେ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମବାସୀମାନଙ୍କ ମଧ୍ୟରେ ବ୍ୟାପକ ସଚେତନତା କାର୍ଯ୍ୟ ଲଗାତାର ଜାରି ରଖିବାକୁ ମଧ୍ୟ ମୁଖ୍ୟ ଶାସନ ସଚିବ ଜିଲ୍ଲାପ୍ରଶାସନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ଉନ୍ନୟନ କମିଶନର ଶ୍ରୀ ପ୍ରଦୀପ କୁମାର ଜେନା, ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ଼ଃ ମୋନା ଶର୍ମା, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସଂଜୀବ ଚୋପ୍ରା, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଶ୍ରୀ ସନ୍ଦିପ୍ ତ୍ରିପାଠୀ, ବନ୍ୟଜନ୍ତୁ ମୁଖ୍ୟ ବନ ସଂରକ୍ଷକ ଶ୍ରୀ ଶଶି ପଲ୍ଙ୍କ ସମେତ ସଂପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ଉମାକାନ୍ତ ମହାପାତ୍ର,

ସୂଚନା ଅଧିକାରୀ, ମୁଖ୍ୟ ଶାସନ ସଚିବ